ସକାଳ THE SAKALA



www.sakalaepaper.com

# ମାନଚିତ୍ରରୁ ହଜିଯିବ 'ମଳିଆ ଯୋର'



- ପ୍ରଶାସନର ଉଦାସୀନତା ଯୋଗୁଁ ବଢୁଛି ଜବରଦଖଲ
- କୃଷି କାର୍ଯ୍ୟ ଓ ଜଳ ନିଷ୍କାସନ ବାଧାପ୍ରାପ୍ତ

କନ୍ଦରପୁର,୨୦।୧୨(ସମିସ)

କଟକ ସଦର ଅନ୍ତର୍ଗତ କାଠଯୋଡି ଓ ସିଡୁଆ ନଦୀ ପରିବେଷ୍ଟିତ ଗୋଲାକାର ୪୨ମୌଜା ଅଞ୍ଚଳର ମଧ୍ୟ ଭାଗ ଦେଇ ଯାଇଥିବା "ମଳିଆ ଯୋର" ବା "ସ୍ଥିର ଜଳ କେନାଲ' ଧୀରେ ଧୀରେ ମାନଚିତ୍ରରୁ ଲିଭି ଲିଭି ଯାଉଛି। ୬ଟି ଗ୍ରାମ ପଞ୍ଚାୟତ ତଥା ୪୨ରୁ ଊର୍ଦ୍ଧ୍ୱ ରାଜସ୍ୱ ଓ ପଡ଼ା ଗ୍ରାମକୁ ନେଇ ଗଠିତ ଏହି ଅଞ୍ଚଳର କ୍ଷେତ୍ରଫଳ ପ୍ରାୟ ୫୦ ବର୍ଗ କିଲୋମିଟର। ଏହି ଅଞ୍ଚଳର ଅଧିବାସୀ ମୁଖ୍ୟ ଜଳ ପ୍ରବାହ, ଜଳ ସଂରକ୍ଷଣ ଓ ବର୍ଷା ଜଳ ନିଷ୍କାସନ ପାଇଁ ଏହି ମଳିଆ ଯୋର ଉପରେ ନିର୍ଭର କରନ୍ତି। ୪୨ ମୌଜା ଝିଙ୍କିରିଆ ଗ୍ରାମ ନିକଟ ସିଡୁଆ ନଦୀ ବନ୍ଧରୁ ବାହାରି ଆସିଥିବା ଏହି "ମଳିଆ ଯୋର" ବଉଳକୁଦ, କଦମପଡ଼ା, ଦଧିବାମନପୁର, ମହାପାତ୍ର ସାହି, ବହଳପଡ଼ା, ବନ୍ଥୁଣିଆ, ଦେଉଳି ଓ କଳପଡ଼ା ଦେଇ ଚାନ୍ଦୁଲି ନିକଟ କାଠଯୋଡି ଓ ସିଡୁଆ ନଦୀ ଅନ୍ତିମ ମିଳନ ସ୍ଥଳ ନଦୀ ବନ୍ଧକୁ ଲାଗି ରହିଛି। ସରକାରୀ ତତ୍ପରତା ତଥା ଉଦାସୀନତା କାରଣରୁ କାଳକ୍ରମେ ଏହି ମଳିଆ ଯୋର ପୋତି ହୋଇ ହୋଇ କେତେକ ଯାଗାରେ ସମତଳ ତ ଆଉ କେତେକ ଜାଗାରେ ପଙ୍କ ଓ ଦଳପୂର୍ଣ୍ଣ ଭାବରେ ଅଲୋଡା ହୋଇ ପଡ଼ିଛି। କେତେକ ଯାଗାରେ କିଛି ଲୋକ ଏହି ଯୋରକୁ ପୋତି ଘର ଓ ବଡ଼ ବଡ଼ ଅଟ୍ଟାଳିକା କରି ଜବରଦଖଲ କରି ସାରିଲେଣି। ମୁଖ୍ୟତଃ ଚାଷ ଉପରେ ନିର୍ଭରଶୀଳ ଏହି ଜଳ ଉତ୍ସ ନିକଟବର୍ତ୍ତୀ ଅଞ୍ଚଳବାସୀ ଜଳ ଅଭାବ ପାଇଁ ଚାଷ କାର୍ଯ୍ୟ ବନ୍ଦ କରି ହତାଶ ହୋଇ ପଡିଛନ୍ତି। ଏହି ମଳିଆ ଯୋରରୁ ଆଂଶିକ ଭାବରେ ଗ୍ରାମ ପଞ୍ଚାୟତ ପକ୍ଷରୁ ଯୋର ନିକଟବର୍ତ୍ତୀ ଗ୍ରାମର ମତ୍ସ୍ୟଜୀବୀଙ୍କୁ ନିଲାମ ଦିଆଯାଉଥିଲା। ଯାହା ଦ୍ୱାରା ମତ୍ସ୍ୟଜୀବୀମାନେ ଆତ୍ମନିର୍ଭରଶୀଳ ହେବା ସହିତ ନିଜ ପରିବାର ପ୍ରତିପୋଷଣ କରୁଥିଲେ। କିନ୍ତୁ ସମୟକ୍ରମେ ପୋତି ହୋଇ ଯାଉଥିବା ଏହି ମଳିଆ ଯୋରର କଦମପଡ଼ା ନିକଟବର୍ତ୍ତୀ କିଛି ଅଞ୍ଚଳ ଆଂଶିକ ଠିକ୍ ଥିବାବେଳେ ପଞ୍ଚାୟତ ପକ୍ଷରୁ ମୋଟା ଅଙ୍କ ରାଜସ୍ୱରେ ନିଲାମ ମଧ୍ୟ ଦିଆଯାଇଛି। ୪୨ ମୌଜାରେ ବର୍ତ୍ତମାନ ମୁଖ୍ୟ ସମସ୍ୟା ଚାଷ ଜମି ଯିବା ପରେ, ଅନେକ ଚାଷୀ ନିଜ ଚାଷ ଜମିକୁ ଜମି ମାଫିଆଙ୍କୁ ବିକ୍ରି କରି ଚାଲିଛନ୍ତି। ଜମି ମାଫିଆମାନେ ରାସ୍ତା କରି ଭାଗ ଭାଗ କରି ବିକୁଥିବା ଜମିରେ ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ କରି ରହିବା ସହିତ, ଗମନାଗମନ ପାଇଁ ଅନେକ ଜାଗାକୁ ପୋତି ଚାଲିଛନ୍ତି। ଯାହାଫଳରେ ବର୍ଷା ଋତୁରେ ଲଗାଣ ବର୍ଷା ଜଳ ନିଷ୍କାସିତ ହେବା ବାଧାପ୍ରାପ୍ତ ହେବା ସହିତ କୃତ୍ରିମ ବନ୍ୟା ସୃଷ୍ଟି ହୋଇ ଧନଜୀବନ ହାନୀ ଆଶଙ୍କା ସୃଷ୍ଟି କରୁଛି। ଏହି "ମଳିଆ ଯୋର' ବା 'ସ୍ଥିର ଜଳ କେନାଲ'କୁ ପୁନରୁଦ୍ଧାର କରିବା ସହିତ ଉଭୟ ପାଶ୍ୱର୍ ସୁରକ୍ଷା ପ୍ରାଚିର ନିର୍ମାଣ କରାଗଲେ ହଜାର ହଜାର ପରିବାର ଚାଷ ତଥା ମତ୍ସ୍ୟ ଚାଷ କରି ଆତ୍ମନିର୍ଭରଶୀଳ ହୋଇପାରିବେ। ରାଜ୍ୟ ସରକାର, କଟକ ଜିଲ୍ଲା ସାଂସଦ ଭର୍ତ୍ତୃହରି ମହତାବ ଓ ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ଏହି ଗମ୍ଭୀର ଜନସମସ୍ୟାକୁ ହୃଦୟଙ୍ଗମ କରି ଏହାର ପୁନରୁଦ୍ଧାର ପାଇଁ ପଦକ୍ଷେପ ନେବା ପାଇଁ ସମାଜସେବୀ ବସନ୍ତ ପଣ୍ଡା, ଭଗବତି ପ୍ରସାଦ ପତି, ସମବାୟବିତ ମହେନ୍ଦ୍ର ନାୟକ, ଆଇନଜୀବୀ କେଶବ ଚନ୍ଦ୍ର କର, ଶିକ୍ଷାବିତ ମନୋଜ ନାୟକ, ଦଳିତ ନେତା ସମାଜସେବୀ ରାମଚନ୍ଦ୍ର ଗୋଚ୍ଛାୟତ, ପର୍ଶୁରାମ ବେହେରା, ସଞ୍ଜୟ ବେହେରା, ନାରାୟଣ ଚନ୍ଦ୍ର ମହାନ୍ତି, ରୁଦ୍ର ନାରାୟଣ ଦାସ, ମାନସ ପଣ୍ଡା, ରିତିକ ନାୟକ, ସନ୍ତୋଷ ସ୍ୱାଇଁ ଓ ୪୨ମୌଜାବାସୀ ଦୃଢ଼ ଦାବି କରିଛନ୍ତି।

## ଦଳିତ ଆଦିବାସୀ ମଞ୍ଚ ପକ୍ଷରୁ ମୌନବ୍ରତ



**ଆଠଗଡ, ୨୦।୧୨ (ସମିସ):** ସମ୍ବିଧାନର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ସଂସଦ ଭବନରେ ହୋଇଥିବା ବିତର୍କର ଉତ୍ତର ଦେବା ସମୟରେ ବାବା ସାହେବ ଡ. ବି ଆର ଆମ୍ବେଦକରଙ୍କ ପ୍ରତି ଗୃହମନ୍ତ୍ରୀ ଅମିତ୍ ଶାହାଙ୍କ ଅପମାନଜନକ ମନ୍ତବ୍ୟର ପ୍ରତିବାଦରେ ଶୁକ୍ରବାର ଆଠଗଡ-ତିଗିରିଆ ଦଳିତ ଆଦିବାସୀ ମଞ୍ଚ ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଘଣ୍ଟିଆ ମୌନବ୍ରତ ପାଳନ କରାଯାଇଛି। ମଞ୍ଚର ସଭାପତି ରମେଶଚନ୍ଦ୍ର ଘଡେଇଙ୍କ ନେତୃତ୍ୱରେ ଶତାଧିକ ବ୍ୟକ୍ତି ମୁହଁରେ କଳାପଟି ବାନ୍ଧିବା ସହ ହାତରେ ପ୍ଲାକାର୍ଡ ଧରି ମୌନ ଭାବେ ପ୍ରତିବାଦ କରିଥିଲେ। ଏହି ପ୍ରତିବାଦ ୩ ଦିନ ଧରି ଚାଲୁରହିବ ଓ ପ୍ରତିବାଦ ଜାରି ରହିବ ବୋଲି ଆବାହକ ପ୍ରଫୁଲ ନାଏକ, ସଂପାଦକ ମାନସ ମଲ୍ଲିକ, ଦୁଷ୍ମନ୍ତ ନାଏକ, ଟୁନା ସେଠୀଙ୍କ ସୂତ୍ରରୁ ଖବର ମିଳିଛି।

## ରାସ୍ତାକଡ଼ରୁ ମହିଳାଙ୍କ ମୃତଦେହ ଉଦ୍ଧାର

ମଙ୍ଗୁଳି/ଟାଙ୍ଗି, ୨୦।୧୨(ସମିସ): ୧୬ ନଂ ଜାତୀୟ ରାଜପଥ କଡ଼ରେ ଜଣେ ମହିଳାଙ୍କ ମୃତଦେହ ଗଛରେ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି। ଟାଙ୍ଗୀ ଥାନା ଅନ୍ତର୍ଗତ ହରିଅନ୍ତା ପଞ୍ଚାୟତ ବଗିଚା ନିକଟରେ ଥିବା ଏକ କୃଷ୍ଣଚୂଡ଼ା ଗଛରେ ଉକ୍ତ ମହିଳାଙ୍କ ଝୁଲନ୍ତା ମୃତଦେହର ବେକ ଲୁଗାରେ ବନ୍ଧା ହୋଇ ରହିଥିଲା। ତେବେ ସେ ସମ୍ପୂର୍ଣ୍ଣ ଭାବେ ତଳେ ବସି ରହିଥିଲେ। ଖବର ପାଇ ଟାଙ୍ଗୀ ପୁଲିସ୍ ଓ ଜାତୀୟ ରାଜପଥ ପାଟ୍ରୋଲିଂ ଦାୟିତ୍ୱରେ ଥିବା ପୁଲିସ୍ କର୍ମଚାରୀମାନେ ଘଟଣାସ୍ଥଳରୁ ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ଡାକ୍ତରଖାନା ପଠାଇଥିବା ବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ମୃତ ମହିଳାଙ୍କ କୌଣସି ପରିଚୟ ମିଳିପାରି ନଥିବା ବେଳେ ରାଜପଥରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କଲେ ଏହାର ସତ୍ୟତା ଜଣାପଡ଼ିବ ବୋଲି କୁହାଯାଉଛି।

## ଇଂରାଜୀ ପ୍ରଶିକ୍ଷଣ ଶିବିର

କଟକ,୨୦।୧୨(ସମିସ)

ପ୍ୟାରୀମୋହନ ଏକାଡେମୀରେ ଇଂରାଜୀ ଭାଷା ସମୃଦ୍ଧିକରଣ ମାର୍ଗ ଉପରେ ଦ୍ୱିତୀୟ ପର୍ଯ୍ୟାୟ ଇଂରାଜୀ ପ୍ରଶିକ୍ଷଣ ଶିବିର ଅଜିଜ ପ୍ରେମଜୀ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୨୨ଜଣ, କେନ୍ଦ୍ରାପଡ଼ା ଜିଲ୍ଲାର ୧୩ ଜଣ, ଜଗତସିଂହପୁର ଜିଲ୍ଲାର ୧୪ଜଣ ଓ ଅଭିଜ୍ଞ ପ୍ରାଥମିକ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୁଭାରମ୍ଭରେ ଶିକ୍ଷଣ ସଂଯୋଜିକା ସରିତା ଶତପଥୀ ଏବଂ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ହିଲୋଳିନୀ ମହାନ୍ତି ଯୋଗ ଦେଇଥିଲେ। ଏସଆଇଏଲଟିଟି ଭୁବନେଶ୍ୱରର ପ୍ରଶିକ୍ଷକ ଡ଼. ରବୀନ୍ଦ୍ର ନାରାୟଣ ମହାନ୍ତି, ଏକାଡେମୀର ପ୍ରଧାନ ଶିକ୍ଷକ ମନୀଷା ବିଶ୍ୱାଳ, ପ୍ରଶିକ୍ଷକ ଦୀପ୍ତିରଞ୍ଜନ ଶତପଥୀ, ଆଲୋକ ମହାପାତ୍ର, ହରିହର ମିଶ୍ର, ନିଳେନ୍ଦ୍ରୀ ପାଇଟଲ୍, ସଂଜ୍ଞା ସାଗରିକା ନାୟକ ଓ ସୁଇଟ୍ ମହାନ୍ତି, ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ପାର୍ଥସାରଥୀ ମିଶ୍ର ଏବଂ ଜିଲ୍ଲା ଶିକ୍ଷାଧିକାରୀ ଡ. ସନ୍ତୋଷ ରାଉତ ଏବଂ ଜିଲ୍ଲା ବିଜ୍ଞାନ ସୁପରଭାଇଜାର ଦେବପ୍ରସାଦ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।

## ମନରେଗା ଶିଥିଳ; ଏଡିଇଓଙ୍କ ଦରମା ବନ୍ଦ ନିର୍ଦ୍ଦେଶ

**କଟକ, ୨୦।୧୨(ସମିସ):** କଟକ ଜିଲ୍ଲାରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା)ରେ ଦୁର୍ବଳ ଅଗ୍ରଗତିକୁ ନେଇ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେଇଛି। ଟାଙ୍ଗି-ଚୌଦ୍ୱାର, ନରସିଂହପୁର ବ୍ଲକ୍ ବ୍ୟତୀତ ଅନ୍ୟ ସମସ୍ତ ବ୍ଲକ୍‌ରେ ନିୟୋଜିତ ଏଡିଇଓ'ଙ୍କ ଦରମା ବନ୍ଦ କରିବାକୁ ସମ୍ପୃକ୍ତ ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗତ ୧୮ ତାରିଖରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏକ ସମୀକ୍ଷା ବୈଠକରେ କଟକ ଜିଲ୍ଲାର ମନରେଗା ଅଧୀନସ୍ଥ ପ୍ରକଳ୍ପ ଦ୍ୱାରା ଲକ୍ଷ୍ୟ ପୂରଣ ହୋଇପାରି ନଥିବା ଜଣାପଡ଼ିଥିଲା ଏବଂ ଏଥିରେ ସମ୍ପୃକ୍ତ ଏଡିଇଓମାନଙ୍କୁ ଦାୟୀ କରାଯାଇଛି। ମନରେଗା ଅନ୍ତର୍ଗତ ଜିଲ୍ଲାରେ ଶ୍ରମଦିବସ ସୃଷ୍ଟିରେ ଅଗ୍ରଗତି ନ ହେଲା ଯାଏ, କଟକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜାରୀ ହୋଇଥିବା ଏହି ଆଦେଶ ବଳବତ୍ତର ହେବ ବୋଲି କୁହାଯାଇଛି। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀଙ୍କ ଦ୍ୱାରା ଜାରୀ ଏହି ନିର୍ଦ୍ଦେଶାନାମାରେ କୁହାଯାଇଛି ଯେ ଚଳିତ ୨୦୨୪-୨୫ ଆର୍ଥିକ ବର୍ଷରେ ଏଯାଏ କେବଳ ୭୪ଟି ପରିବାର ସଦସ୍ୟଙ୍କୁ ୧୦୦ ଦିନର କାର୍ଯ୍ୟ ମିଳିଥିବା ବେଳେ ୪୮୮୩୫୭ଟି କାର୍ଯ୍ୟଦିବସ ସୃଷ୍ଟି କରାଯାଇ ପାରିଛି। ଜିଲ୍ଲାରେ ମନରେଗା କାର୍ଯ୍ୟକାରିତା ଏବଂ ପ୍ରକଳ୍ପ ବିଳମ୍ବ ନେଇ ଏହାକୁ ବିଫଳତା ବୋଲି କୁହାଯାଇଛି।

## ଅଭ୍ୟୁଦୟ-୨୦୨୪ ଉଦ୍‌ଯାପିତ




**ତ୍ରିଶୂଳିଆ, ୨୦।୧୨ (ସମିସ):** ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ତରଫରୁ ଆୟୋଜିତ ଅଭ୍ୟୁଦୟ-୨୦୨୪ ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ଏକ ସପ୍ତାହ ଧରି ଚାଲିଥିବା ବିଭିନ୍ନ ପ୍ରକାର ଖେଳ କାର୍ଯ୍ୟକ୍ରମର ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥି ଡିଏସଡବ୍ଲୁ ଡାଇରେକ୍ଟର ପ୍ରଫେସର ଜେ.ପି. ଭଟ୍ଟ ଛାତ୍ରଛାତ୍ରୀଙ୍କୁ ଜୀବନରେ ଏହିଭଳି ସୌହାର୍ଦ୍ଦ୍ୟ ଓ ସହଯୋଗ ରହିବା ଦରକାର ବୋଲି ଉପଦେଶ ଦେଇଥିଲେ। ମହାବିଦ୍ୟାଳୟ ଡେପୁଟି ଡିନ୍ ପ୍ରଫେସର ଦୁର୍ଗାପ୍ରସାଦ ଦାଶ, ପ୍ରଫେସର ରମାକାନ୍ତ ରାଉତ, ଆର୍ଟ ଅଫ ଲିଭିଙ୍ଗ ଟିଚର ରୂପାଲି ନାୟକ ବିଜୟୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଡିନ୍ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ୨୦୨୩ ବ୍ୟାଚ ଛାତ୍ରଛାତ୍ରୀଙ୍କୁ ଚାମ୍ପିଅନ ଟ୍ରଫି ପ୍ରଦାନ କରିଥିଲେ।

## ଜିଲ୍ଲାସ୍ତରୀୟ ଯୁବ ରେଡ୍‌କ୍ରସ ରକ୍ତଦାନ ଶିବିର



**ମାହାଙ୍ଗା, ୨୦।୧୨ (ସମିସ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ପଲ୍ଲିସାହି ପଞ୍ଚାୟତ ମାହାଙ୍ଗା ମହିଳା ବିଦ୍ୟାଳୟରେ ରାଜ୍ୟସ୍ତରୀୟ ରେଡକ୍ରସ ସ୍ୱେଚ୍ଛାସେବୀ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମୁଖ୍ୟଅତିଥି ଭାବେ ଏହାକୁ ଉଦଘାଟନ କରିଥିବା ବେଳେ ୩୩ ଟି ମହାବିଦ୍ୟାଳୟରୁ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ନେବା ସହ ରକ୍ତଦାନ ଶିବିରରେ ଭାଗ ନେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିବାବେଳେ ସମ୍ମାନିତଅତିଥି ଭାବେ ଅକ୍ଷୟ କୁମାର ମହାନ୍ତି, ଡ. ସସ୍ମିତା ପଟ୍ଟନାୟକ, ଚଣ୍ଡିକା ପ୍ରସାଦ ଦାସ ଯୋଗ ଦେଇଥିଲେ। ଡ. ମନସ୍ୱିନୀ କର ଧନ୍ୟବାଦ ଅର୍ପଣ କରିଥିଲେ। ତିନିଦିନ ବ୍ୟାପୀ ଏହି ଶିବିରରେ ପ୍ରଥମ ଦିନରେ ଶୁକ୍ରବାର ରେଡକ୍ରସ ପକ୍ଷରୁ ବିଦ୍ୟାର୍ଥୀଙ୍କୁ ଶପଥ ପାଠ କରାଯାଇଛି।

## ସାମାଜିକ ନ୍ୟାୟ ଓ ସୁରକ୍ଷା ସଂକ୍ରାନ୍ତ ପ୍ରଶିକ୍ଷଣ

**ଟାଙ୍ଗୀ,୨୦।୧୨(ସମିସ):** ସାମାଜିକ ନ୍ୟାୟ ଓ ସାମାଜିକ ସୁରକ୍ଷା ସଂକ୍ରାନ୍ତ ଦିନିକିଆ ପ୍ରଶିକ୍ଷଣ ଶିବିର ଟାଙ୍ଗୀ-ଚୌଦ୍ୱାର ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୨୪ ପଞ୍ଚାୟତ ବିଶିଷ୍ଟ ଏହି ବ୍ଲକର ଅଧାରୁ ଅଧିକ ପଞ୍ଚାୟତ ପ୍ରତିନିଧି (ସରପଞ୍ଚ ଓ ସମିତିସଭ୍ୟ) ଶିବିରରେ ଅନୁପସ୍ଥିତ ଥିଲେ। ସରପଞ୍ଚ ଓ ସମିତି ସଭ୍ୟଙ୍କୁ ପ୍ରଶିକ୍ଷିତ କରିବା ଲକ୍ଷ୍ୟରେ ଏହି ଶିବିର ଆୟୋଜନ ବେଳେ ଏତେ ସଂଖ୍ୟକ ପଞ୍ଚାୟତ ପ୍ରତିନିଧି ଯୋଗ ନଦେବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗ୍ରାମପଞ୍ଚାୟତ ଅଧିକାରିଣୀ ବର୍ଷାରାଣୀ ବେହେରାଙ୍କ ପୌରହିତ୍ୟରେ ଆୟୋଜିତ ଶିବିରରେ ପଞ୍ଚାୟତସମିତି ଅଧ୍ୟକ୍ଷା ମିନାକ୍ଷୀ ଦାସ, ସରପଞ୍ଚ ତାପସ ସାହୁ, ଭରତ ବେହେରା, ସୋଫିଆ ବିବି, ମମତା ମଲ୍ଲିକ ଓ ସଂଯୁକ୍ତା ସେଠୀଙ୍କ ସମେତ ପ୍ରାୟ ୧୨ ଜଣ ସମିତିସଭ୍ୟା ଏବଂ ୧୨ ଜଣ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିଲେ। ଏସଆଇଆରଡି, ଭୁବନେଶ୍ୱର ପକ୍ଷରୁ ଜଗଦାନନ୍ଦ ସ୍ୱାଇଁ ଓ ପ୍ରତାପଚନ୍ଦ୍ର ରାଉତ ପ୍ରଶିକ୍ଷଣ ପ୍ରଦାନ କରିଥିବାବେଳେ ଅତିରିକ୍ତ ବିଡିଓ ଶାଶ୍ୱତ ଜେନା ସହଯୋଗ କରିଥିଲେ।



## ଅଣଧାନ ଖାଦ୍ୟ ରନ୍ଧନ ପ୍ରତିଯୋଗିତା




**ନରସିଂହପୁର, ୨୦।୧୨ (ସମିସ):** ନରସିଂହପୁର ବ୍ଲକ ଅନ୍ତର୍ଗତ ନିଜିଗଡ ପଞ୍ଚାୟତ ସଭାଗୃହରେ ଶୁକ୍ରବାର ଅଣଧାନ ଖାଦ୍ୟ ରନ୍ଧନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ବ୍ଲକ କୃଷି ଅଧିକାରୀ ଶୁଭଶ୍ରୀ ମହାନ୍ତି, ବିପିସି ସ୍ନେହଲତା ପୁହାଣ, ଅର୍ଡର ସଂସ୍ଥାର କର୍ତ୍ତୃପକ୍ଷ ପ୍ରକାଶ ଦାସ, ବ୍ଲକ କୋର୍ଡିନେଟର ରାଜେନ୍ଦ୍ର ଶାସମଲ, ବିନ୍ଦୁ ପଟ୍ଟନାୟକ, ସରୋଜିନି ମିଶ୍ର, ପୁଷ୍ପାଞ୍ଜଳି ମହାପାତ୍ର ପ୍ରମୁଖ ଯୋଗଦେଇଥିଠଲେ। କାର୍ଯ୍ୟକ୍ରମରେ ଅଣଧାନରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟର ପ୍ରସ୍ତୁତି କରାଯାଇ ଅତିଥିମାନଙ୍କୁ ପରସି ଦିଆଯାଇଥିଲା। ଅତିଥିମାନେ ଖାଦ୍ୟର ସ୍ୱାଦ ପରୀକ୍ଷା କରି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ।

## ପେଟାଲ୍ସ ଇଣ୍ଟର୍‌ନ୍ୟାସନାଲ୍ ସ୍କୁଲରେ ବିଜ୍ଞାନ ମେଳା



ଫୁଲନଖରା,୨୦।୧୨(ସମିସ): ବ୍ରାହ୍ମଣଝରିଲୋ ନିକଟସ୍ଥ ପେଟାଲ୍ସ ଇଣ୍ଟରନ୍ୟାସନାଲ୍ ସ୍କୁଲର ୫ମ ବାର୍ଷିକ ବିଜ୍ଞାନ ମେଳା ୟୁରେକା-୨୪-୨୫ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରତିଷ୍ଠାତ୍ରୀ ଡ. ପ୍ରିୟଦର୍ଶିନୀ ରଥଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମଧୁସୂଦନ ଇନଷ୍ଟିଚ୍ୟୁଟ୍ ଅଫ୍ କୋ-ଅପରେଟିଭ୍ ମ୍ୟାନେଜ୍‌ମେଣ୍ଟର ଡ. ପ୍ରଣବ ନନ୍ଦ ଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ଉଭୟ ପେଟାଲ୍ସ ଇଣ୍ଟରନ୍ୟାସନାଲ୍ ଓ ପେଟାଲ୍ସ ପବ୍ଲିକ୍ ସ୍କୁଲର ପ୍ରାୟ ୬୦ଜଣ ଛାତ୍ରଛାତ୍ରୀ ଉକ୍ତ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରି ନିଜର ବିଜ୍ଞାନ ସମ୍ବନ୍ଧୀୟ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଅଭିଭାବିକାଙ୍କ ଦ୍ୱାରା ଖାଦ୍ୟ ମେଳା ଫୁଡ୍ ଫିଏଷ୍ଟା ମଧ୍ୟ ଅନୁଷ୍ଠିତ ହୋଇଥିଲା। ବାହ୍ୟ ଫାଷ୍ଟଫୁଡ୍ ଠାରୁ ପିଲାମାନଙ୍କୁ ଦୂରେଇ ରଖିବା ଉଦ୍ଦେଶ୍ୟରେ ଓଡ଼ିଆ ପରମ୍ପରାରେ ପ୍ରସ୍ତୁତ ବିଭିନ୍ନ ପିଠା ଓ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ କିସମର ସୁସ୍ୱାଦୁ ଖାଦ୍ୟ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କ ସହ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



### ନିଶ୍ଚିନ୍ତକୋଇଲି ବଜାରରେ ଟ୍ରାଫିକ୍ ସମସ୍ୟା ଉତ୍କଟ

# ବ୍ୟବସାୟୀଙ୍କ କବ୍‌ଜାରେ ରାସ୍ତାର ଦୁଇ ପାର୍ଶ୍ୱ



**ପ୍ରଶାସନ ଓ ପୁଲିସକୁ ଦାୟୀ କଲେ ଜନସାଧାରଣ**

ନିଶ୍ଚିନ୍ତକୋଇଲି, ୨୦।୧୨(ସମିସ): ନିଶ୍ଚିନ୍ତକୋଇଲି ବଜାରର ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ନିୟନ୍ତ୍ରଣର ବାହାରକୁ ଚାଲିଯାଉଛି। ବଜାର ମଧ୍ୟ ଦେଇ ଯାଇଥିବା କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱକୁ ବ୍ୟବସାୟୀମାନେ ଜବରଦଖଲ କରି ନିଜ ନିଜ କବଜାରେ ରଖିଥିବାରୁ ଏଭଳି ଅବସ୍ଥା ଉପୁଜିଛି। ଟ୍ରାଫିକ ସସମ୍ୟା ଦୂର କରିବା ପାଇଁ ପୁଲିସ ଓ ପ୍ରଶାସନର ଆନ୍ତରିକତା ଅଭାବରୁ ଜନସାଧାରଣମାନେ ଚଳପ୍ରଚଳ ପାଇଁ ପ୍ରତ୍ୟେକ ଦିନ ଦହଗଞ୍ଜ ହେଉଛନ୍ତି।

ଆଇନ ଅନୁଯାୟୀ ପୁଲିସ ଓ ପ୍ରଶାସନ ଯଦି କାର୍ଯ୍ୟ କରନ୍ତେ ତା’ହେଲେ ଟ୍ରାଫିକ ସମସ୍ୟା ଖୁବ ଶୀଘ୍ର ଦୂର ହୋଇପାରନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ପୂର୍ବରୁ କଟକ-ଚାନ୍ଦବାଲି ରାସ୍ତା ଅଣଓସାରିଆ ରହିଥିଲା।

ରାଜ୍ୟ ସରକାରଙ୍କ ବିଶ୍ୱ ବ୍ୟାଙ୍କ ସହାୟତାରେ ୨୦୧୬ରେ ଉକ୍ତ ରାସ୍ତାକୁ ଦୁଇ ଫାଳିଆ କରାଯାଇ ଚଉଡ଼ା କରାଯାଇଥିଲା। ନିଶ୍ଚିନ୍ତକୋଇଲି ବଜାର ମଧ୍ୟରେ ରାସ୍ତାର ଉଭୟ ପାର୍ଶ୍ୱରେ ରହିଥିବା ବ୍ୟବସାୟୀଙ୍କର ଦୋକାନ ଗୃହକୁ ଭଙ୍ଗାଯାଇ ସେମାନଙ୍କୁ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ମଧ୍ୟ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ସମ୍ପୃକ୍ତ ବ୍ୟବସାୟୀମାନେ ପଛକୁ ଘୁଞ୍ଚାଇ ସେମାନଙ୍କର ଦୋକାନ ଘର ନିର୍ମାଣ କରି ବ୍ୟବସାୟ କଲେ। ସେତେବେଳେ ରାସ୍ତା ଖୁବ୍ ଚଉଡ଼ା ରହିଥିବାରୁ ଯାନବାହନ ସହଜରେ ଯାତାୟାତ କରୁଥିବା ଯୋଗୁଁ କୌଣସି ଟ୍ରାଫିକ୍ ସମସ୍ୟା ଉପୁଜି ନ ଥିଲା। କାଳକ୍ରମେ ରାସ୍ତାର ଉଭୟ ପାର୍ଶ୍ୱର ବ୍ୟବସାୟୀମାନେ ସେମାନଙ୍କର ବ୍ୟବସାୟ ପସରା ମେଲାଇବା ପାଇଁ ୫ ଫୁଟରୁ ୧୦ଫୁଟ ପର୍ଯ୍ୟନ୍ତ ରାସ୍ତାକୁ ଜବରଦଖଲ କରିସାରିଲେଣି। ଏପରିକି ବ୍ୟବସାୟୀମାନେ ରାସ୍ତା ଉପରେ ବ୍ୟବସାୟ କରୁଥିବା ଦେଖାଯାଇଛି। ଫଳରେ ରାସ୍ତା ବହୁ ଅଣଓସାରିଆ ହୋଇଯିବାରୁ ବଜାରର ପ୍ରଥମ ମୁଣ୍ଡରୁ ଶେଷ ମୁଣ୍ଡ ଯାଏ ଯାନବାହନ ଯାତାୟାତରେ ସମସ୍ୟା ଉପୁଜୁଛି। ଟ୍ରାଫିକ ଜାମ୍ ହୋଇଯିବାରୁ ଗାଡ଼ି ଗୁଡ଼ିକ ବଜାର ପାର ହେବା ପାଇଁ ୩୦ ମିନିଟରୁ ୧ ଘଣ୍ଟା ସମୟ ଲାଗୁଛି। ଏହି ସମୟରେ ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ଆସୁଥିଲେ ସେ ମଧ୍ୟ ଟ୍ରାଫିକ୍ ଜାମରେ ରହିଯାଉଥିବାର ଦେଖିବାକୁ ମିଳିଛି। ଏହାଛଡ଼ା ରାସ୍ତାର ଦୁଇପାର୍ଶ୍ୱରେ ଲୋକମାନେ ମନଇଚ୍ଛା ଏଣେ ତେଣେ ସେମାନଙ୍କର ବାଇକ ଗୁଡ଼ିକ ରଖିଦେଇ ମାର୍କେଟିଂ କରୁଥିବାବେଳେ ଟ୍ରାଫିକ୍ ଜାମ୍ ହେଉଥିବାର ଦେଖାଯାଇଛି। ବସଷ୍ଟାଣ୍ଡ ନ ଥିବାରୁ ଯାତାୟତ କରୁଥିବା ଯାତ୍ରୀବାହୀ ବସ ଗୁଡିକ ରାସ୍ତା ଉପରେ ବସ ରଖି ଯାତ୍ରୀଙ୍କୁ ଓହ୍ଲାଇବା ଓ ଚଢାଇବା ସମୟରେ ମଧ୍ୟ ଟ୍ରାଫିକ୍ ଜାମ ହେଉଛି। ଏହି ବଜାରର ଡ଼େଲି ମାର୍କେଟ ଦେଇ ଯାଇଥିବା ନିଶ୍ଚିନ୍ତକୋଇଲି-ଲଳିତଗିରି ରାସ୍ତା ତାରିଣୀ ମନ୍ଦିର ପାଖରୁ ଚଉଡ଼ା କରାଯାଇ ନ ଥିବାରୁ ଏଠାରେ ମଧ୍ୟ ଯାନବାହନ ସହଜରେ ଯାତାୟତ କରପାରୁ ନ ଥିବା ଯୋଗୁଁ ଟ୍ରାଫିକ୍ ଜାମ୍ ରହୁଥିବା ଦେଖାଯାଇଛି। ଟ୍ରାଫିକ୍ ସମସ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସର ମୁଖ୍ୟ ଦାୟିତ୍ୱ ରହିଥିବା ବେଳେ ନିଶ୍ଚିନ୍ତକୋଇଲି ଥାନା ପକ୍ଷରୁ ଏହାକୁ ଚରମ ଅବହେଳା କରାଯାଉଥିବା ଲୋକମାନେ ଅଭିଯୋଗ କରିଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱକୁ ଜବରଦଖଲ କରି କବଜାରେ ରଖିଥିବା ବ୍ୟବସାୟୀଙ୍କୁ ହଟାଇବା ପାଇଁ ତହସିଲଦାରଙ୍କର ଦାୟିତ୍ୱ ରହିଥିବା ବେଳେ ସେ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ପଛରେ କି ରହସ୍ୟ ଲୁଚିରହିଛି ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏଥିପାଇଁ ନିଶ୍ଚିନ୍ତକୋଇଲି ବଜାରରେ ଉପୁଜୁଥିବା ଟ୍ରାଫିକ ସମସ୍ୟା ନିମନ୍ତେ ସାଧାରଣରେ ପୁଲିସ ଓ ପ୍ରଶାସନକୁ ସମ୍ପୂର୍ଣ୍ଣ ଦାୟୀ କରାଯାଇଛି। ଉକ୍ତ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ଜିଲ୍ଲାପାଳ ଓ ଏସପି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

## ଅନ୍ନପୂର୍ଣ୍ଣା ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା



ମାହାଙ୍ଗା, ୨୦।୧୨(ସମିସ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭଦ୍ରେଶ୍ୱର ପଞ୍ଚାୟତ ପାଣ୍ଡିଆସ୍ଥିତ ଶ୍ରୀ ଶ୍ରୀ ବୀର ଭଦ୍ରେଶ୍ୱର ସାହିତ୍ୟ ସଂସଦର ପ୍ରତିଷ୍ଠାତା ସମ୍ପାଦକ ରାଜକିଶୋର ମିଶ୍ରଙ୍କ ଧର୍ମପତ୍ନୀ ଅନ୍ନପୂର୍ଣ୍ଣା ମିଶ୍ରଙ୍କ ଦ୍ୱାଦଶ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ଭକ୍ତଚରଣ ସାହୁଙ୍କ ସଭାପତିତ୍ୱରେ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ସାହିତ୍ୟିକ ଡ. ଭାଗ୍ୟଧର ସାହୁ, ମାନସ ଭୂଷଣ ପଣ୍ଡିତ, ହୃଷୀକେଶ ରଥ, ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକ, ଔପନାସିକା ବିଦ୍ୟୁଲତା ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟକ୍ଷ ବିରୂପାକ୍ଷ ରାୟ, ସମାଜସେବୀ ଶଶଧର ପଣ୍ଡା, ଡା. ପ୍ରସନ୍ନ କୁମାର ନାଥଶର୍ମା, ସାହିତ୍ୟ ସଂଗଠକ ଗୌତମ ଚରଣ ଜେନା, ବିଜୟ ମହାପାତ୍ର, ହିମାଂଶୁ ଶେଖର ମିଶ୍ର, କବି ରାମଚନ୍ଦ୍ର ସାହୁ, ପୁରୁଷୋତ୍ତମ ପୃଷ୍ଟି, କୁଳମଣି ସାହୁ, ଅଜୟ ବଳ, ଶ୍ରୀଧର ଶେଖର ମହାପାତ୍ର, ବ୍ରହ୍ମାନନ୍ଦ ବିଶ୍ୱାଳ, ଦିଲୀପ ଦାସ, ହୃଷିକେଶ ପଣ୍ଡା, କଲ୍ଲୋଳ ଚନ୍ଦ୍ର ମହାନ୍ତି, କବି ଶାରଦା ପ୍ରସାଦ ମିଶ୍ର, ସରପଞ୍ଚ କମଳାକାନ୍ତ ରାଉତ, ସଦାଶିବ ପଣ୍ଡା, କୁଞ୍ଜବିହାରୀ ନାଥଶର୍ମା, ଡାକ୍ତର ଚୌଧୁରୀ ନିହାର ରଞ୍ଜନ ପ୍ରଧାନ, କମଳାକାନ୍ତ ମିଶ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶିଶୁ ସାହିତ୍ୟିକ ପ୍ରଫୁଲ୍ଲ ସାହୁ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ପ୍ରତିମା ସାହୁଙ୍କ ଦ୍ୱାରା ଭାଗବତ ପଠନ, ରାଜେଶ ସାହୁଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ପ୍ରାର୍ଥନା କରାଯାଇଥିଲା।

## କୁକୁଡ଼ା ଚିଆଁ ଓ ଖାଦ୍ୟ ବଣ୍ଟନ




ଟାଙ୍ଗୀ, ୨୦।୧୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ବିଶ୍ୱାଳିସ୍ଥିତ ଡାଲମିଆ ସିମେଣ୍ଟ କମ୍ପାନୀ ଅଧିକୃତ କପିଳାସ ସିମେଣ୍ଟ ମ୍ୟାନୁଫ୍ୟାକଚରିଂ ୱାର୍କସର ସିଏସଆର ଅନ୍ତର୍ଭୁକ୍ତ ପରିବର୍ତ୍ତନ ପ୍ରକଳ୍ପ ଆନୁକୂଲ୍ୟରେ ସୋନାଲି ପ୍ରଜାତିର କୁକୁଡା ଚିଆଁ ଓ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସିଏସଆରର ମୁଖ୍ୟ କବିତା ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଞ୍ଚାୟତସମିତି ଅଧ୍ୟକ୍ଷା ପ୍ରତିନିଧି ଜନ୍ମେଜୟ ଖିଲାର ଓ ସମ୍ମାନିତ ଅତିଥି ଭାବେ ଉଚ୍ଚପଦା ପଞ୍ଚାୟତ ସରପଞ୍ଚ ପ୍ରତିନିଧି ମାନସ ସ୍ୱାଇଁ ଗରୁଡ଼ଗାଁ, ଉଚ୍ଚପଦା, ବୈରୀ ଓ ପାରିଆ ପଞ୍ଚାୟତର ୩୦୦ ଆଦିବାସୀ ପରିବାରକୁ କୁକୁଡ଼ା ଚିଆଁ ଓ ଖାଦ୍ୟ ବଣ୍ଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରକଳ୍ପର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ନିଆଳି, ୨୦।୧୨(ସମିସ): ମାଧବ ପ୍ରିମିୟମ୍ ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ନିଆଳି ବ୍ଲକ ଅନ୍ତର୍ଗତ ମାଧବସ୍ଥିତ ଖେଳ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେପି ପ୍ରବକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡା ଉଦ୍‌ଘାଟନ କରିବା ସହ ଗ୍ରାମାଞ୍ଚଳର ଏହି ଟୁର୍ଣ୍ଣାମେଣ୍ଟ ଫଳରେ ଯୁବକଙ୍କ ମଧ୍ୟରେ ବନ୍ଧୁତ୍ୱ ଭାବ ସୃଷ୍ଟି ହୋଇଥାଏ ବୋଲି କହିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ ଟି ଦଳ ଯୋଗଦେଉଥିବା ବେଳେ ଉଦ୍‌ଘାଟନୀ ମ୍ୟାଚ୍ କଟକ ଜିଜର ଟିମ୍ ଓ ପିପିଲିର ଏମ୍‌ସିଟି କ୍ରିକେଟ୍ ଦଳ ସହ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମାଧବ ସରପଞ୍ଚ ବାବୁରାମ ମଲ୍ଲିକଙ୍କ ସମେତ ଦେବାଶିଷ ନାୟକ, ପ୍ରବେଶ ପରିଡ଼ା, ସୁଧିର ପୁଷ୍ପାଳକ, ସାହିଦ୍ ଖାନ୍, ଦାଶରଥୀ ବଲ୍ଲଭ ପ୍ରମୁଖ ସହଯୋଗ କରିଥିଲେ।



## ଜାଗୁଆର ପକ୍ଷରୁ ବିଦ୍ୟୁତ୍ ମିସ୍ତ୍ରିଙ୍କୁ ତାଲିମ

ନିଶ୍ଚିନ୍ତକୋଇଲି, ୨୦।୧୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନୀପୁର ବଳଦେବଜୀଉ ବଜାରରେ ଥିବା ମା’ ଶକ୍ତି ଏଜେନ୍ସି ଆନୁକୂଲ୍ୟରେ ଜାଗୁଆର ଲାଇଟିଂ ଡିଭିଜନ ପକ୍ଷରୁ ଏକ ବିଦ୍ୟୁତ୍ ମିସ୍ତ୍ରି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଜେନ୍ସିର ପ୍ରୋପାଇଟର ମନୋଜ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଏଥିରେ ଜାଗୁଆର କମ୍ପାନୀର ଓଡ଼ିଶା ମୁଖ୍ୟ ଶୁଭ୍ରାଂଶୁ ଶେଖର ମହାପାତ୍ର, ସହକାରୀ ପରିଚାଳକ ବିଜୟ କୁମାର ଦାସ, ସିଆଣ୍ଡଏଫ ମନିଷୀ ଅଗ୍ରୱାଲ ପ୍ରମୁଖ ଜାଗୁଆର କମ୍ପାନୀ ବିଦ୍ୟୁତ୍ ଉପକରଣ ଉତ୍ପାଦନରେ ରହିଥିବା ଗୁଣବତ୍ତା, ଦୀର୍ଘସ୍ଥାୟୀ ଓ ସରଳ ଫିଟିଂସ ସମ୍ପର୍କରେ ଆଲୋକପାତ କରିଥିଲେ। ବଜାର ବ୍ୟବସାୟୀ ସଂଘର ସଭାପତି ସନ୍ତୋଷ ପ୍ରଧାନ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଆକାଶ ଓଝା ଧନ୍ୟବାଦ ଅର୍ପଣ କରିଥିଲେ।



## କଟକ ସଦର ଅଞ୍ଚଳରେ ଷଣ୍ଢ ଓ ମାଙ୍କଡ଼ ଉପଦ୍ରବ





କନ୍ଦରପୁର, ୨୦।୧୨(ସମିସ): କଟକ ସଦର ଅଞ୍ଚଳରେ ଷଣ୍ଢ ଓ ମାଙ୍କଡ଼ ପଲଙ୍କ ଦୌରାତ୍ମ୍ୟ। ଏମାନେ ବିଶେଷ କରି ଚାଷୀଙ୍କୁ ସର୍ବସ୍ୱାନ୍ତ କରିବାରେ ଲାଗିଛନ୍ତି। ଚାଷୀ ଏମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିଲା ବେଳେ ପ୍ରଶାସନିକ ସ୍ତରରେ ଏହାର ଭରଣା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏଥିପାଇଁ ପନିପରିବା ଚାଷ ସହିତ ଅନ୍ୟାନ୍ୟ ଚାଷ ଉପରୁ ଚାଷୀମାନେ ବିମୁଖ ହେଉଛନ୍ତି।

ଷଣ୍ଢମାନେ ରାସ୍ତାଘାଟରେ ଉତ୍ପାତ କରୁଛନ୍ତି ଯେ ଟ୍ରାଫିକ ଜାମ୍ ହେବା ସହ ଦୁର୍ଘଟଣାର ପ୍ରମୁଖ କାରଣ ଭାବେ ଏହି ସମସ୍ୟା ଉଭା ହୋଇଛି। ସେହିପରି ମାଙ୍କଡ଼ମାନେ ବାଡି ବଗିଚାରେ ଉପଦ୍ରବ କରିବା ନିତିଦିନିଆ ହୋଇଗଲାଣି। ଘରେ ପଶି ଛୋଟ ପିଲାଙ୍କୁ ଆକ୍ରମଣ କରିବା ସହ ଘରେ ଥିବା ଖାଦ୍ୟ ପଦାର୍ଥ ନେଇଯିବାକୁ ପଛଉନାହାନ୍ତି। ଦୀର୍ଘ ବର୍ଷ ହେଲା ଏହାର ନିରାକରଣ ହୋଇପାରୁନାହିଁ।

## ରାଜ୍ୟସ୍ତରୀୟ ସମ୍ମିଳନୀ

### ଓଡ଼ିଶାରେ ଶ୍ରମିକ ଚାଲାଣ ଓ ଦାଦନ ମୁକାବିଲା ପାଇଁ ସାମାଜିକ ସଂଗଠନଙ୍କ ସାମୂହିକ ସଙ୍କଳ୍ପ




କଟକ, ୨୦।୧୨(ସମିସ): ଓଡ଼ିଶାରେ ବୃଦ୍ଧି ପାଉଥିବା ଶ୍ରମିକ ଚାଲାଣ ଓ ଗୋତି ଶ୍ରମିକ ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳ ସେବକ ସମାଜର ସମ୍ପାଦକ ଆଇନଜୀବୀ ଅମୀୟ ଭୂଷଣ ବିଶ୍ୱାଳଙ୍କ ପୌରୋହିତ୍ୟରେ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଭୁବନେଶ୍ୱରସ୍ଥିତ ହୋଟେଲ ଲେମନ୍ ଟ୍ରି ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ସିୱାଇଏସ୍‌ଡିର ସମ୍ପାଦକ ଜଗଦାନନ୍ଦ, ଓଡ଼ିଶା ସରକାରଙ୍କ ଦାଦନ ନିରାକରଣ ପାଇଁ ଗଠିତ ଟାସ୍କଫୋର୍ସର ଉପଦେଷ୍ଟା ମହେଶ୍ୱର ପାଣିଗ୍ରାହୀ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବାର ଆସୋସିଏସନ୍‌ର ସଭାପତି ବିଜୟ କୁମାର ଦାସ, କଟକ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ, ଯାଜପୁର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଆଇନଜୀବୀ ଧୀରେନ୍ଦ୍ର ପାତ୍ର, ଉପସ୍ଥାପିକା ସୁପ୍ରିୟା ଦାସ ଓ ୪୦ରୁ ଊର୍ଦ୍ଧ୍ୱ ସାମାଜିକ ସଂଗଠନ ଏକାଠି ହୋଇ ଶ୍ରମିକ ଚାଲାଣ ଓ ଦାଦନ ସମସ୍ୟା ଉପରେ ଆଲୋଚନା କରିଥିଲେ। ପରେ ଗୋତି ମୁକ୍ତି ମୋର୍ଚ୍ଚାର ବାଗମ୍ବର ପଟ୍ଟନାୟକଙ୍କୁ ତାଙ୍କ ଜୀବନବ୍ୟାପୀ ସାଧନା ଓ ବଳିଷ୍ଠ ଅବଦାନ ନିମନ୍ତେ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଥିଲା। ସାମାଜିକ ସଂଗଠନ ମିଳିତ ଭାବେ ଏକ ମଞ୍ଚ ଗଠନ କରି ଏ ଦିଗରେ ଥିବା ପ୍ରତିବନ୍ଧକକୁ ଦୂର କରିବା ଏବଂ ସୁପ୍ରିମକୋର୍ଟଙ୍କ ସୁପାରିଶର ପ୍ରଭାବଶାଳୀ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ସହ କାର୍ଯ୍ୟ କରିବାକୁ ମିଳିତ ଭାବେ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ଉତ୍କଳ ସେବକ ସମାଜର ନିର୍ଦ୍ଦେଶକ ଙ୍କ ଅନ୍ୱୟ ଅଭିନବ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

## ଆଇନଜୀବୀ ବିଶ୍ୱେଶ୍ୱର ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ



କଟକ, ୨୦।୧୨(ସମିସ): ଓଡ଼ିଶାର ଲବ୍ଧପ୍ରତିଷ୍ଠିତ ବିଶିଷ୍ଟ ଆଇଜଜୀବୀ ସ୍ୱର୍ଗତ ବିଶ୍ୱେଶ୍ୱର ମିଶ୍ରଙ୍କ ୧୩ତମ ଶ୍ରାଦ୍ଧବାର୍ଷିକୀ ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନ ପ୍ରେକ୍ଷାଳୟରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶା ହାଇକୋର୍ଟର ବିଚାରପତି ଭି. ନରସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟବକ୍ତା ଭାବେ ଅଗ୍ନିଶମ ଡିଜି ଡ. ସୁଧାଂଶୁ ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ତଥା ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନର ସଭାପତି ବିଜୟ କୁମାର ଦାସ ଯୋଗଦେଇଥିଲେ। ଏହି ସଭାରେ ଓଡ଼ିଶା ରାଜ୍ୟ ମାନବ ଅଧିକାରର ସଦସ୍ୟ ଅସୀମ ଅମିତାଭ ଦାସ ସଭାପତିତ୍ୱ କରିଥିବା ବେଳେ ଆଇନଜୀବୀ ନିତ୍ୟାନନ୍ଦ ବେହୁରିଆ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବରିଷ୍ଠ ଆଇନଜୀବୀ ସୂର୍ଯ୍ୟପ୍ରସାଦ ମିଶ୍ର, ମହିତୋଷ ସିହ୍ନା ଏବଂ ନାରାୟଣ ପରିଜାଙ୍କୁ କମିଟି ତରଫରୁ ସମ୍ମାନୀତ କରାଯାଇଥବା ବେଳେ ୫ଜଣ ଯୁବ ଆଇନଜୀବୀଙ୍କୁ ଅତିଥିମାନଙ୍କ ଦ୍ୱାରା ଆଇନ ପୁସ୍ତକ ପ୍ରଦାନ କରାଯାଇଥିଲା। ଏହି ସଭାରେ ଓଡ଼ିଶା ହାଇକୋର୍ଟର ବିଚାରପତି ମୃଗାଙ୍କ ଶେଖର ସାହୁ, ଶିବଶଙ୍କର ମିଶ୍ର, ଶଶିକାନ୍ତ ମିଶ୍ର ଏବଂ ସଞ୍ଜୟ ମିଶ୍ର, ବାର ଆସୋସିଏସନର ସମ୍ପାଦକ ରଞ୍ଜନ ନାୟକ, ବିଭୂପ୍ରସନ୍ନ ମହାପାତ୍ର, ଆଶିଷ ମିଶ୍ର, ବିଜୟ ରଗଡ଼, ପ୍ରତାପକେଶରୀ ଦେଓ, ଅଗ୍ନିଶିଖା ରାୟ, ଦୁଷ୍ମନ୍ତ ବିଶ୍ୱାଳ ସମେତ ବହୁ ବରିଷ୍ଠ ଆଇନଜୀବୀ ଯଥା ମନୋଜ ମିଶ୍ର, ବୁଦ୍ଧଦେବ ରାଉତରାୟ, ପ୍ରଭାକର ରାଉତ, ଦେବକାନ୍ତ ମହାନ୍ତି, ସ୍ୱର୍ଗତ ମିଶ୍ରଙ୍କ ପୁତ୍ର ଆଇନଜୀବୀ ରାଜେନ୍ଦ୍ର ମିଶ୍ର ଏବଂ ସିଦ୍ଧାର୍ଥ ମିଶ୍ରଙ୍କ ସମେତ ପରିବାର ସମସ୍ତ ସଦସ୍ୟ, ବହୁ ଆଇନଜୀବୀ ଉପସ୍ଥିତ ରହି ଏହି ସଭାକୁ ସଫଳ କରିଥିଲେ। ଆଇନଜୀବୀ ଦେବାଶିଷ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ରତାପାଟ ମା’ ମହାଲକ୍ଷ୍ମୀ ମହୋତ୍ସବ

## ରାମଦୋଳି, ଫାଷ୍ଟଫୁଡ ଓ ନାଚତାମସାର ମଉଜରେ କଟୁଛି ସମୟ

ବଡମ୍ବା, ୨୦।୧୨ (ସମିସ): ରତାପାଟ ମା’ ମହାଲକ୍ଷ୍ମୀ ମହୋତ୍ସବର ନବମ ଦିନରେ ରାମଦୋଳି, ବିଭିନ୍ନ କିସମର ଫାଷ୍ଟଫୁଡ ଓ ନାଚଗୀତ ଦର୍ଶକଙ୍କ ଭରପୂର ଆମୋଦର ମାଧ୍ୟମ ସାଜିଛି। ବିଭିନ୍ନ ଘରୋଇ ଦ୍ରବ୍ୟର ଷ୍ଟଲରେ ଭିଡ଼ ପରିଲକ୍ଷିତ ହୋଇଛି। ବ୍ୟାପକ ପୁଲିସ ସୁରକ୍ଷା ମଧ୍ୟରେ ପାଳିତ ହେଉଥିବା ଏହି ଯାତ୍ରା ଲୋକାଭିମୁଖୀ ହେବାରେ ଲାଗିଛି। ରତାପାଟର ହାଡୁଆ ପୋଲଠାରୁ ବାଲିଝରି ମଦନ ଗୋପାଳ ହାଇସ୍କୁଲ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ସହ ଗାଁ ଗଣ୍ଡା ମଧ୍ୟରେ ଥିବା ରାସ୍ତାକୁ ବିଭିନ୍ନ ଆଲୋକମାଳାର ସୁସଜ୍ଜିତ କରାଯିବା ସହ ବିଭିନ୍ନ ପୂଜାମଣ୍ଡପ ପକ୍ଷରୁ ମଣ୍ଡପଗୁଡିକୁ ସଜାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆୟୋଜନ କରାଯାଇଛି। ଚଳିତ ବର୍ଷ ୫ଶହରୁ ଅଧିକ ବ୍ୟବସାୟୀ ପସରା ମେଲାଇଥିବାରୁ ଦିନରାତିରେ ଭିଡ ପରିଲକ୍ଷିତ ହେଉଛି। କମିଟିର ସମସ୍ତ ସଦସ୍ୟ ତଥା ବଡମ୍ବା ଥାନା ପକ୍ଷରୁ ଶାନ୍ତିଶୃଙ୍ଖଳା ଉପରେ ନଜର ରଖାଯାଇଛି। ୨୨ ତାରିଖ ସଂଧାରେ ଏହି ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମ ରହିଛି।



# ଅଦିନିଆ ବର୍ଷାରେ ଧାନଫସଲ ନଷ୍ଟ ନେଇ ଚିନ୍ତାରେ ଚାଷୀ

ନିଆଳି, ୨୦।୧୨ (ସମିସ): ଶୁକ୍ରବାର ଦିନତମାମ୍ ଝିପିଝିପି ବର୍ଷା ଲାଗିରହିଛି। ଜୀବନଯାତ୍ରା ପ୍ରଭାବିତ ହେବା ସହ ବିଶେଷକରି ଏହି ଅଦିନିଆ ବର୍ଷାରେ ବ୍ୟାପକ ଧାନ ଫସଲ ନଷ୍ଟ ହେବା ନେଇ ଚାଷୀ ଚିନ୍ତାରେ ପଡ଼ିଯାଇଛି। ଗତ ଦୁଇଦିନ ହେଲା ମେଘୁଆ ପାଗ ଲାଗିରହିଥିଲା ବେଳେ ଶୁକ୍ରବାର ପୂର୍ବାହ୍ନରୁ ବର୍ଷା ଲାଗିରହିଛି। କ୍ଷେତରେ ପାଚିଲାଧାନ ଭିଜୁଛି। କେତେକ ସ୍ଥାନରେ ଚାଷୀ ଧାନ କାଟି କଚଡ଼ା ପକାଇଥିବା ବେଳେ କ୍ଷେତରେ ପାଣି ଜମି ସେହିଧାନ ଗୁଣବତ୍ତା ହରାଇବାର ଆଶଙ୍କା ରହିଛି। ବର୍ଷା ଲାଗିଥିବା ବେଳେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ଧାରା ଜାରି ରହିବାର ପୂର୍ବାନୁମାନ ରହିଛି। ଫଳରେ ଧାନ କିଛିକାଂଶରେ ନଷ୍ଟ ହେବା ନିଶ୍ଚିତ। ଏପର୍ଯ୍ୟନ୍ତ ଚାଷୀ ମଣ୍ଡିକୁ ଚାଷୀ ଧାନ ନେଇ ପାରିନାହାନ୍ତି। ସେହି ଦୃଷ୍ଟିରୁ ନଷ୍ଟ ଧାନକୁ ବିକ୍ରି କରିବା ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେତେକ ସ୍ଥାନରେ କ୍ଷେତ ଆଉ ଟିକେ ଶୁଖିଲା ପରେ ମେସିନ୍ ଯୋଗେଁ ଧାନ କାଟିବା ପାଇଁ ପ୍ରସ୍ତୁତ ହୋଇଯାଇଥିଲା। ଅନ୍ୟ କେତେକ ସ୍ଥାନରେ ଚାଷୀ କ୍ଷେତରେ ଧାନ କାଟି କଚଡ଼ା ପକାଇଛି। ଆଉ କେତେକ ସ୍ଥାନରେ ଚାଷୀ କଳେଇ ବାନ୍ଧି କ୍ଷେତରେ ବାହିଆ କରିଥିବା ଦେଖିବାକୁ ମିଳିଛି। ଅଧିକ ବର୍ଷା ହେଲେ ଏହି ଧାନ ପାଣିରେ ବୁଡ଼ି ସଂପୂର୍ଣ୍ଣ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ଏହି ଦୃଷ୍ଟିରୁ ଧାନ ସଠିକ ଭାବେ ବିକ୍ରି କରିବାରେ ସରକାରୀ ସହାୟତା ଆଶାରେ ବହୁ ଚାଷୀ ଆଶା ବାନ୍ଧିଛନ୍ତି।



# ଖୁଲମ୍‌ଖୁଲା ବେଆଇନ ମାଟି ଚାଲାଣ, ନିଦରେ ପ୍ରଶାସନ

ତ୍ରିଶୂଳିଆ, ୨୦।୧୨ (ସମିସ)

ବାରଙ୍ଗ ତହସିଲ ଅଞ୍ଚଳରେ ଏବେ ମାଟି ମାଫିଆମାନେ ପୁଣି ସକ୍ରିୟ ହୋଇ ଉଠିଛନ୍ତି। ସରକାରୀ ଓ ଘରୋଇ ଜମି ମାଲିକଙ୍କୁ ହାତବାରିସି କରି ମାଫିଆମାନେ ବିନା ସରକାରୀ ଅନୁମତିରେ ଚୋରାରେ ମାଟି ଉଠାଇ ଚାଲାଣ କରୁଛନ୍ତି। ବାରଙ୍ଗ ତହସିଲ ଅଧୀନରେ ଥିବା ବେଲଗଛିଆ, ପଞ୍ଚୁପାଳ, ମୁଣ୍ଡଳୀ, ରତାଗଡ଼ ନୂଆସାହି, ରାମଦାସପୁର ଅଞ୍ଚଳରୁ ଶହଶହ ଟ୍ରିପ ମାଟି ଚୋରା ଚାଲାଣ ହେଉଛି। ରାତି ହେଉ କିମ୍ବା ଦିନ ମାଫିଆମାନେ ଜେସିବି ଓ ଟ୍ରାକ୍ଟର ଲଗାଇ ବେଆଇନ ମାଟି ଚୋରା ଚାଲାଣ କରି ମାଲାମାଲ ହେଉଛନ୍ତି। ବ୍ୟବହୃତ ଟ୍ରାକ୍ଟରର ନମ୍ବର ପ୍ଲେଟ ନଥିବା ସହ କିଛି ଟ୍ରାକ୍ଟରର ନମ୍ବର ପ୍ଲେଟରେ ମାଟି ବୋଳା ଯାଇଛି। ବର୍ତ୍ତମାନ ବାରଙ୍ଗ ତହସିଲ ଅଞ୍ଚଳର ଗ୍ରାମରେ ବିଲଡରମାନେ ସେମାନଙ୍କ ଜମି ପ୍ଲଟିଂ କରି ସେଥିରେ ଚୋରାରେ ମିଳୁଥିବା ବାଲି, ମାଟି ମୋରମ ବ୍ୟବହୃତ କରୁଛନ୍ତି। ଯାହାଫଳରେ ମାଫିଆ ମାନେ ଏହାର ସୁଯୋଗ ନେଇ ଉକ୍ତ ଜମିରୁ ମାଟି ନେଇ ପ୍ଲଟିଂ ଜମି ସମାନ୍ତରାଳ କରୁଛନ୍ତି। ସ୍ଥାନୀୟ ତହସିଲ ଓ ମାଫିଆଙ୍କ ମଧୁଚନ୍ଦ୍ରିକାରେ ଏହି ବେଆଇନ କାର୍ଯ୍ୟ ଚାଲୁଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ପ୍ରତିଦିନ ଏଭଳି ଘଟଣା ତହସିଲ ଓ ପୁଲିସ ପ୍ରଶାସନର ଦୃଷ୍ଟିଗୋଚରରେ ହେଉଥିଲେ ମଧ କାହିଁକି ପ୍ରଶାସନ ଚୁପ ବସିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଦେଖିବାକୁ ବାକି ରହିଲା ପ୍ରଶାସନର ନିଦ କେବେ ଭାଙ୍ଗୁଛି ଏବଂ ଏଥିପ୍ରତି କି ପଦକ୍ଷେପ ନେଉଛନ୍ତି।



# ଠିକା ବିଦ୍ୟୁତ୍ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ



ନିଶ୍ଚିନ୍ତକୋଇଲି, ୨୦।୧୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ନଟକାଇସ୍ଥିତ କ୍ଷୀରୋଦ ମଣ୍ଡପରେ ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ଆନୁକୂଲ୍ୟରେ ସାଲେପୁର ମା' ସାହେଶ୍ୱରୀ ଠିକା ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ଏକ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଛି। ସଂଘର ଉପଦେଷ୍ଟା ଉମାକାନ୍ତ ସାହୁଙ୍କ ସଭାପତିତ୍ୱ ଏବଂ ସଭାପତି ଦୀନବନ୍ଧୁ ମୁଦୁଲିଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ରାଜ୍ୟ ସମ୍ପାଦକ ସତ୍ୟବ୍ରତ ପରିଡ଼ା, ମୁଖ୍ୟବକ୍ତା ଭାବେ ଭାରତୀୟ ମଜଦୁର ସଂଘ ସଭ୍ୟ ବସନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ଉପସଭାପତି ପ୍ରଦ୍ୟୁମ୍ନ ସାମନ୍ତରାୟ, କୋଷାଧକ୍ଷ ଜ୍ୟୋତିପ୍ରକାଶ ଦାସ, ସମ୍ପାଦକ ସନ୍ତୋଷ ପରିଡ଼ା ଯୋଗଦାନ କରିଥିଲେ। ଠିକା ବିଦ୍ୟୁତ୍ କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି, କାର୍ଯ୍ୟବେଳେ ଆତ୍ମସୁରକ୍ଷା, ବିଭିନ୍ନ ସରକାରୀ ସୁବିଧା ପାଇବା ଓ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମାଧାନ କରାଯିବା ସଂକ୍ରାନ୍ତରେ ବିଷଦ ଆଲୋଚନା କରିଥିଲେ। ଠିକା ବିଦ୍ୟୁତ୍ କର୍ମଚାରୀଙ୍କ ନ୍ୟାଯ୍ୟ ଦାବି ସରକାର ପୂରଣ ନକଲେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ନିରଞ୍ଜନ ଜେନା, ତାରିଣୀ ପ୍ରସାଦ ନାୟକ, ସବ୍ୟସାଚୀ ମହାନ୍ତି, ରମେଶ ଚଇନୀ, ଡମ୍ବରୁଧର ମହାରଣା, ରାକେଶ ବିଶ୍ୱାଳ, ମାନସ ଦାସ, ସୁନୀଲ ଭୋଇ, ସରୋଜ ଦାସ, ସମୀର ରାଉତରାୟ, ସେକ ସନିଫ, ହରେକୃଷ୍ଣ ମହାନ୍ତିଙ୍କ ସମେତ ସଂଘର ସମସ୍ତ ସଭ୍ୟ ଯୋଗଦାନ କରିଥିଲେ।

# ଶିକ୍ଷା ସମୀକ୍ଷା ବୈଠକ

ବଡମ୍ବା, ୨୦।୧୨ (ସମିସ): ବଡମ୍ବା ନିର୍ବାଚନମଣ୍ଡଳୀ ବଡମ୍ବା ଓ ନରସିଂହପୁର ବ୍ଲକର ପ୍ରଧାନଶିକ୍ଷକ ଓ ଉଭୟ ବ୍ଲକର ଶିକ୍ଷା ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଶୁକ୍ରବାର ବଡମ୍ବା ବ୍ଲକ ଖାରୋଡସ୍ଥିତ ମା' ମହାକାଳୀଙ୍କ ପୀଠରେ ଥିବା କଲ୍ୟାଣ ମଣ୍ଡପରେ ଶିକ୍ଷା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା ମୁଖ୍ୟଅତିଥି ରୂପେ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆଗାମୀ ଦିନର ବଡମ୍ବା ଓ ନରସିଂହପୁର ବ୍ଲକରେ ଶିକ୍ଷାର ମାନବୃଦ୍ଧି ନେଇ ଆଲୋଚନା କରିଥିଲେ।



# ବଡମ୍ବା ବ୍ଲକ କନିଷ୍ଠ ଶିକ୍ଷକ ସଂଘ କର୍ମକର୍ତ୍ତା ଚୟନ

ବଡମ୍ବା, ୨୦।୧୨ (ସମିସ): ବଡମ୍ବା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ବିଭିନ୍ନ ସରକାରୀ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ନଭେମ୍ବରରେ ନିଯୁକ୍ତି ପାଇଥିବା କନିଷ୍ଠ ଶିକ୍ଷକମାନେ ବଡମ୍ବା ହାଟ ନିକଟସ୍ଥ ଆଡିଆ ମହାଦେବ ମନ୍ଦିରରେ ଶୁକ୍ରବାର ଏକତ୍ରିତ ହେବା ସହ ଓଡ଼ିଶାର ସମୁଦାୟ ୩୧୪ ବ୍ଲକରେ ନିଯୁକ୍ତି ପାଇଥିବା କନିଷ୍ଠ ଶିକ୍ଷକମାନେ ଆଗାମୀ ଦିନରେ ଏକତ୍ରିତ ହୋଇ ନିଜର ନ୍ୟାଯ୍ୟ ଦାବି ହାସଲ କରିବା ନେଇ ଆଲୋଚନା କରିଥିଲେ। ଏଥିନେଇ ବଡମ୍ବା ମଣ୍ଡଳସ୍ତରୀୟ କନିଷ୍ଠ ଶିକ୍ଷକ ସଂଘର କର୍ମକର୍ତ୍ତା ଚୟନ କାର୍ଯ୍ୟ ସଂପାଦିତ ହୋଇଛି। ସର୍ବସମ୍ମତିକ୍ରମେ ଗୌତମ ସ୍ୱାଇଁ ସଭାପତି, ବିଶ୍ୱଜିତ୍ ପରିଡ଼ା ଓ ପ୍ରୀତିମଞ୍ଜରୀ ସ୍ୱାଇଁ ଉପସଭାପତି, ରାକେଶ ପାତ୍ର ସଂପାଦକ, ମନୀଷା ରଥ ଓ ସସ୍ମିତା ସାହୁ ସହସଂପାଦକ ଭାବେ ମନୋନୀତ ହୋଇଥିବା ବେଳେ ପାର୍ବତୀ ପଣ୍ଡାଙ୍କୁ କୋଷାଧକ୍ଷ ଭାବେ ମନୋନୀତ କରାଯାଇଛି। ମାଧମିକ ବିଦ୍ୟାଳୟରେ ଠିକା ନିଯୁକ୍ତି ଉଚ୍ଛେଦ ହୋଇଥିବା ବେଳେ ଆଗାମୀ ଦିନରେ ପ୍ରାଥମିକ ବିଦ୍ୟାଳୟରୁ କିପରି ଏହା ଉଚ୍ଛେଦ ହେବ ସେନେଇ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା ହୋଇଥିଲା। ଶିକ୍ଷୟିତ୍ରୀ ହରପ୍ରିୟା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ବନମାଳିପୁରରେ ବଧୂହତ୍ୟା ଅଭିଯୋଗ

ତିଗିରିଆ, ୨୦।୧୨(ସମିସ): ତିଗିରିଆ ଥାନା ଅନ୍ତର୍ଗତ ବନମାଳିପୁର ଗ୍ରାମର ନବବଧୂ ତୁଳସୀ ରାଉତଙ୍କୁ ତାଙ୍କ ଶାଶୂଘର ଲୋକ ମାରି ଦେଇଥିବା ତିଗିରିଆ ଥାନାରେ ଅଭିଯୋଗ ହୋଇଛି। ମହିଳାଙ୍କ ପିତା ସୁଶାନ୍ତ ରାଉତଙ୍କ ଅଭିଯୋଗକୁ କେନ୍ଦ୍ରକରି ତିଗିରିଆ ଥାନାରେ ଏକ ମାମଲା ରୁଜୁ ହୋଇଛି। ଗତ ୨୦୨୩ରେ ବାଙ୍କି ଥାନା ପାଳପୁଟ ଗ୍ରାମର ତୁଳସୀ ବନମାଳିପୁର ଗ୍ରାମର ମାୟାଧର ଜେନାଙ୍କ ପୁଅ କାଳିଆ ଜେନାଙ୍କୁ ବିବାହ କରିଥିଲେ। ପରେ ଅଧିକ ଯୌତୁକ ଦାବିକରି ତୁଳସୀଙ୍କୁ ତାଙ୍କ ଶାଶୂଘର ଲୋକେ ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେଇଆସୁଥିଲେ। ଶୁକ୍ରବାର ସକାଳ ସମୟରେ ସୁଶାନ୍ତ ନିଜ ବ୍ୟକ୍ତିଗତ କାମରେ ବାଙ୍କି ବଜାରକୁ ଯାଇଥିବା ବେଳେ ଜ୍ୱାଇଁ କାଳିଆ ତାଙ୍କୁ ତାଙ୍କ ଝିଅର ଦେହ ଖରାପ ଅଛି ତୁରନ୍ତ ଆସି ଆମ ଘରେ ପହଞ୍ଚ ବୋଲି ଫୋନ୍ ଦ୍ୱାରା ସୂଚନା ଦେବାରେ ସୁଶାନ୍ତ ବନମାଳିପୁର ଗ୍ରାମରେ ପହଞ୍ଚି ନିଜ ଝିଅର ମୃତଦେହକୁ ଦେଖିଥିଲେ।

# ବାବନ ଚରଣ ସାମଲଙ୍କୁ ପ୍ରତାପ ଜେନାଙ୍କ ଶ୍ରଦ୍ଧାଞ୍ଜଳି

ମାହାଙ୍ଗା, ୨୦।୧୨ (ସମିସ): କଟକ ଜିଲ୍ଲା ମାହାଙ୍ଗା ବ୍ଲକ ନୃତ୍ତାଙ୍ଗ ପଞ୍ଚାୟତସ୍ଥିତ ସିରିପୁର ଗ୍ରାମର ସମାଜସେବୀ ସ୍ୱର୍ଗତ ବାବନ ଚରଣ ସାମଲଙ୍କ ଦ୍ୱାଦଶ ତିଥିରେ ଏକ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ମାଧବଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ସମ୍ମାନିତଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷ ରାଜକିଶୋର ଜେନା, ନୃର୍ତାଙ୍ଗ ସରପଞ୍ଚ ପବିତ୍ର ମୋହନ ବରାଳ, ଆନନ୍ଦପୁର ସରପଞ୍ଚଙ୍କ ପ୍ରତିନିଧି ଲଳିତ ମୋହନ ବରାଳ, ଶିକ୍ଷାବିତ ଅଭୟ ଚରଣ ପଣ୍ଡା, ସମାଜସେବୀ ଶ୍ୟାମସୁନ୍ଦର ସ୍ୱାଇଁ, ଜଳଧର ପରିଡ଼ା, ସୁରେନ୍ଦ୍ର ମାଢ଼େଇ, ରବୀନ୍ଦ୍ରନାଥ ସାମଲ, ଅଚ୍ୟୁତାନନ୍ଦ ସାମଲ, ଅନଙ୍ଗ ମହାପାତ୍ର, ପାଲା ଗାୟକ ହେମନ୍ତ କୁମାର ଦଳେଇ, ଶମ୍ଭୁନାଥ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ବ୍ରହ୍ମାନନ୍ଦ ସାମଲ, ମାଧବଚନ୍ଦ୍ର ସାମଲ, ଅଭୟ ସାମଲ, ଅନିଲ ସାମଲ, ପୁଷ୍ପଲତା ସାମଲ, ସସ୍ମିତା ସାମଲ, ଦୀପ୍ତିରଂଜନ ଧଳ, ସତ୍ୟରଞ୍ଜନ ପ୍ରଧାନ, ହୃଷୀକେଶ ନାୟକ, ଗୌତମ ସାମଲ, ପଙ୍କଜିନି ସାମଲ ପ୍ରମୁଖଙ୍କ ପରିଚାଳନାରେ ସ୍ୱର୍ଗତ ସାମଲଙ୍କ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା।



# ବିଭିନ୍ନ ସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ

**● ସାଲେପୁର ପବ୍ଲିକ୍ ସ୍କୁଲ**

ସାଲେପୁର, ୨୦।୧୨(ସମିସ): ସିବିଏସ୍‌ଇ ଅନୁବନ୍ଧିତ ସିନିଅର ସେକେଣ୍ଡାରୀ ସାଲେପୁର ପବ୍ଲିକ ସ୍କୁଲର ୨୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ତିନିଦିନ ଧରି ସାଲେପୁର ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଅସୁରେଶ୍ୱର ସୁଭଦ୍ରା ମହତାବ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ପଦାରବିନ୍ଦ ବିଶ୍ୱାଳ ଉଦ୍‌ଘାଟନ କରିବା ସହ ମନ ଓ ଶରୀରର ବିକାଶ ପାଇଁ କ୍ରୀଡ଼ା ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଦିଲୀପ କୁମାର ବରାଳ ତଥା ମ୍ୟାନେଜିଂ ଡିରେକ୍ଟର ଡ. ଜୟନ୍ତୀ ମିଶ୍ର ଏବଂ ଅଧକ୍ଷ ଡ. ଅଭିରାମ ସାହୁ ମଧ କ୍ରୀଡ଼ା ଶିଶୁ ପ୍ରାଣକୁ କିପରି ଶୃଙ୍ଖଳିତ ତଥା ସୁସଙ୍ଗଠିତ କରେ ଆଲୋଚନା କରିଥିଲେ। ଅନୁଷ୍ଠାନର କ୍ରୀଡ଼ାଶିକ୍ଷକ ଦେବାଶିଷ ଦାଶ ଓ କ୍ରୀଡ଼ା ଶିକ୍ଷୟିତ୍ରୀ ଶୁଭସ୍ମିତା ପାଣ୍ଡେଙ୍କ ନେତୃତ୍ୱରେ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ ପରେ ଛାତ୍ରଛାତ୍ରୀମାନେ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଅଭିଭାବକ-ଅଭିଭାବିକାଙ୍କ ମଧ୍ୟରେ ଆୟୋଜିତ କ୍ରୀଡ଼ା ବେଶ୍ ପ୍ରେରଣାଦାୟୀ ହୋଇଥିଲା।




## କେନ୍ଦୁପାଟଣା ବିଦ୍ୟାଳୟ

ନିଶ୍ଚିନ୍ତକୋଇଲି: କେନ୍ଦୁପାଟଣା ପଞ୍ଚାୟତସ୍ଥିତ ଘେଓ୍ୱାରଚାନ୍ଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ଉଦଯାପିତ ହୋଇଛି। ପ୍ରଧାନଶିକ୍ଷକ ସୁଶୀଲ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ସିଆରସିସି ରାଜକିଶୋର ନାୟକ କ୍ରୀଡ଼ା ପତାକା ଉତ୍ତୋଳନ କରି ଉତ୍ସବକୁ ଉଦଘାଟନ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦୁପାଟଣା ହାଇସ୍କୁଲର ପ୍ରଧାନଶିକ୍ଷକ ଶୁଭେନ୍ଦୁ ଶେଖର ସାମଲ, ସମ୍ମାନିତ ଅତିଥିଭାବେ ସରପଞ୍ଚ ପ୍ରଗତିପ୍ରଭା ମହାନ୍ତି, ସମିତିସଭ୍ୟା ଭାରତୀ ରାଉତ, ସ୍କୁଲ ପରିଚାଳନା କମିଟିର ସଭାପତି ଦୀପକ ବେହେରା, ଶିକ୍ଷକ ରଞ୍ଜନ ସ୍ୱାଇଁ, ପ୍ରାକ୍ତନ ପ୍ରଧାନଶିକ୍ଷକ ନିରଞ୍ଜନ ସାହୁ, କଣ୍ଠଶିଳ୍ପୀ କୁମାର ଜାନୁ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ସୁରେନ୍ଦ୍ରମୋହନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ଜୀବନଜ୍ୟୋତି ନାୟକଙ୍କ ସଂଯୋଜନାରେ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ସାହୁ, ସୁଚିତ୍ରା ମହାନ୍ତି, ବନ୍ଦନା ପ୍ରିୟଦର୍ଶିନୀ ପୃଷ୍ଟି ପ୍ରମୁଖ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଅଳକା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।




## ବାଳକୃଷ୍ଣ ଉଚ୍ଚ ବିଦ୍ୟାଳୟ

ନିଶ୍ଚିନ୍ତକୋଇଲି: ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନୀପୁର ପଞ୍ଚାୟତର ବାଳକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ଉଦଯାପିତ ହୋଇଛି। ଉକ୍ତ କ୍ରୀଡ଼ା ଉତ୍ସବକୁ ସିଆରସିସି ପିତାମ୍ବର ବେହେରା ପତାକା ଉତ୍ତୋଳନ କରି ଉଦଘାଟନ କରିଥିଲେ। କ୍ରୀଡ଼ା ଶିକ୍ଷକ ରାଜଗୋପାଳ ନାୟକଙ୍କ ସଂଯୋଜନାରେ ଶିକ୍ଷକ ପାର୍ଥସାରଥୀ ମହାନ୍ତି, ନିରଞ୍ଜନ ପୃଷ୍ଟି, ରବିନାରାୟଣ ମିଶ୍ର, ତପସ୍ୱିନୀ ସେଠୀ, ସସ୍ମିତା ପାଲ ପ୍ରମୁଖ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା କରାଇଥିଲେ। କନିଷ୍ଠ ବିଭାଗରେ ବାଳିକା ଗାୟତ୍ରୀ ରାଉତ ଓ ବାଳକ ରାହୁଲ ରାଉତ, ବରିଷ୍ଠ ବିଭାଗରେ ବାଳିକା କଳ୍ପନା ସାହୁ ଓ ବାଳକ ହିମାଂଶୁ ସାମଲ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ। ଉଦଯାପନୀ ଉତ୍ସବରେ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ସେନାପତିଙ୍କ ସଭାପତିତ୍ୱରେ ଏଥିରେ ଅତିଥିଭାବେ ସ୍କୁଲ ପରିଚାଳନା କମିଟିର ସଭାପତି ମନୋଜ ଘଡ଼ାଇ, ପ୍ରାକ୍ତନ ସଭାପତି ଦୀପକ ପରିଡ଼ା, ବରିଷ୍ଠ ଶିକ୍ଷୟିତ୍ରୀ ସବିତା ମିଶ୍ର, ସନ୍ଧ୍ୟାରାଣୀ ଜେନା ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଭାକର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



## ଜଗନ୍ନାଥପୁର ବିଦ୍ୟାଳୟ ସମୂହ

ନିଶ୍ଚିନ୍ତକୋଇଲି: ଫଗୋଳ ପଞ୍ଚାୟତ ଜଗନ୍ନାଥପୁର ଉଚ୍ଚପ୍ରାଥମିକ ଏବଂ ଜାନକୀବଲ୍ଲଭ ଉଚ୍ଚ ବିଦ୍ୟାଳୟ ସମୂହର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇଦିନିଆ ଉତ୍ସବକୁ ସିଆରସିସି ସୁଶାନ୍ତ ପଣ୍ଡା ମୁଖ୍ୟଅତିଥି ଭାବେଉଦଘାଟନ କରିଥିଲେ। କ୍ରୀଡ଼ା ଶିକ୍ଷକ ରଶ୍ମିରଂଜନ ବେହେରା ଓ ସୟଦ୍ ମୁଜାମିଲ ହୁସେନଙ୍କ ସଂଯୋଜନାରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ। ଉଚ୍ଚପ୍ରାଥମିକ ବିଦ୍ୟାଳୟର ସୁଜିତ ମଲିକ ଓ ସାଇସ୍ତା ଫିରଦୋସ, ଉଚ୍ଚବିଦ୍ୟାଳୟର ସେକ୍ ତହିଦ୍ ଓ ରୂପାଳି ଦାସ ଚାମ୍ପିଅନ ହୋଇଛନ୍ତି। ଉଦଯାପନୀ ଉତ୍ସବରେ ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା ବେହେରାଙ୍କ ସଭାପତିତ୍ୱରେ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଶ୍ୱିନୀ ପଣ୍ଡା, ସିଆରସିସି ପିତାମ୍ବର ବେହେରା, ଶିକ୍ଷକ ରାମଚନ୍ଦ୍ର ସାହୁ, ସେକ୍ ବେଲାଲ ଅହମ୍ମଦ, ସେକ୍ କଇଫିଉଦ୍ଦିନ୍, ଶାନ୍ତନୁ ପଣ୍ଡା, ସ୍ୱପ୍ନା ଭୂୟାଁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ଲକ୍ଷ୍ମଣ ନାୟକ ଧନ୍ୟବାଦ ଦେଇଥିଲେ।



## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ମାହାଙ୍ଗା: ମାହାଙ୍ଗା ବ୍ଲକ କଇଥା ଗ୍ରାମ ପଞ୍ଚାୟତ ଆନନ୍ଦବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ତ୍ରୟୋଦଶ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉତ୍ସବ ଆରମ୍ଭ ହୋଇଛି। ପ୍ରଧାନ ଆଚାର୍ଯ୍ୟା ଶାନ୍ତିଲତା ଦେବୀ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ପ୍ରତାପ ଆଚାର୍ଯ୍ୟ, ସମ୍ପାଦକ ଦେବେନ୍ଦ୍ର ମହାନ୍ତି, କୋଷାଧକ୍ଷ ସଞ୍ଜୀବ ମହାନ୍ତି, ପରିଚାଳନା କମିଟିର ସଭାପତି ସନ୍ତୋଷ ସିଂ, ସଭ୍ୟ ଚିନ୍ମୟ କାନୁନଗୋ, ବିକ୍ରମ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାମନ୍ଦିରର ଗୁରୁମା ସରୋଜିନୀ ସାହୁ, ମମତା ମହାନ୍ତି, ଟୁପୁଶି ଦାସ, ରୂପଶ୍ରୀ ବରାଳ, ନମିତା ରାଉତ୍, ମନସ୍ୱିନୀ ରାଉତ, ସ୍ନେହଲତା ସେଠୀ ପ୍ରମୁଖ କ୍ରୀଡା ପରିଚାଳନା କରିଥିଲେ। କ୍ରୀଡା ଶିକ୍ଷକ ଦୀନବନ୍ଧୁ ନାଥଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

## ଶ୍ରୀଅରବିନ୍ଦ ଇଣ୍ଟିଗ୍ରାଲ

ସାଲେପୁର: ସାଲେପୁର ବ୍ଲକ ଜାହାଙ୍ଗିରାବାଦସ୍ଥିତ ଶ୍ରୀ ଅରବିନ୍ଦ ଇଣ୍ଟିଗ୍ରାଲ ବିଦ୍ୟାଳୟର ପଞ୍ଚଦଶତମ ବାର୍ଷିକ କ୍ରୀଡ଼ା ଉତ୍ସବ ଆଦିବିଦ୍ୟା କମ୍ପ୍ଲେକ୍ସରେ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ କଲେଜର ପୂର୍ବତନ ଅଧକ୍ଷା ମେଜର ଡ. ମଂଜୁଶ୍ରୀ ପତି, ଶିକ୍ଷାବିତ୍ ତଥା ପୂର୍ବତନ ପ୍ରଧାନଶିକ୍ଷକ ହେମନ୍ତ କୁମାର ଭୂୟାଁ, କ୍ରୀଡ଼ାଜ୍ୟୋତି ପ୍ରଜ୍ୱଳନ କରିଥିଲେ। ଟ୍ରଷ୍ଟର ସଭାପତି ଅବତନ ଷଡ଼ଙ୍ଗୀ, ମ୍ୟାନେଜିଂ ଟ୍ରଷ୍ଟି ଡ. ଦୁର୍ଗାପ୍ରସାଦ କର, ବିଦ୍ୟାଳୟର ଅଧକ୍ଷା ଲକ୍ଷ୍ମୀପ୍ରିୟା ପତି, ଗୁରୁମା ମଂଜୁଶ୍ରୀ ପାଣିଗ୍ରାହୀ, ବିଷ୍ଣୁପ୍ରିୟା ପତି, କାମାକ୍ଷା କର, ଶ୍ରୀମନ୍ତ ମିଶ୍ର, ରଞ୍ଜିତା ପତି, ଖେଳ ଶିକ୍ଷକ ବିଜୟ ବାରିକ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।

